**ସଂକ୍ଷେପରେ**

## ଲକ୍ଷ୍ମୀବସ୍‌ରେ ଚାକିରି ପ୍ରଲୋଭନ ଦେଖାଇ ଲୁଟ୍ ଅଭିଯୋଗ

ବଲାଙ୍ଗୀର, ୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଜଗର୍ସ ପାର୍କ ନିକଟରେ ଜଣେ ବ୍ୟକ୍ତି କେତେଜଣ ଯୁବକଙ୍କ ଠୁଣ୍ଡ କରି ଲକ୍ଷ୍ମୀବସରେ ଡ୍ରାଇଭର, କଣ୍ଡକ୍ଟର ଓ ସୁପରଭାଇଜର ଚାକିରି କରାଇବା ନାଁରେ ଟଙ୍କା ଲୁଟ୍ କରୁଥିବା ଜଣାପଡିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଜଣେ ଯୁବକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସନ୍ଦେହ କରି ଟାଉନ୍ ଥାନା ପୋଲିସରେ ଜିମା ଦେଇଥିଲେ। ଏନେଇ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚରାଯିବାରୁ କିଛି ଯୁବକ ରାୟଗଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଧରି ଆଣି ପୋଲିସରେ ଜିମା ଦେଇଛନ୍ତି। ସେ ବ୍ୟକ୍ତି ଜଣକ ଲକ୍ଷ୍ମୀବସରେ ଡ୍ରାଇଭର, କଣ୍ଡକ୍ଟର ଓ ସୁପରଭାଇଜର ଚାକିରି କରାଇଦେବା ନାଁରେ ୨୫ରୁ ୫୦ ହଜାର ଟଙ୍କା ନେଉଥିବା ଅଭିଯୋଗ ଉଠିଥିଲା। ତେବେ ଟାଉନ୍ ଥାନା ପକ୍ଷରୁ ଏନେଇ ତଦନ୍ତ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଏକ ଡାଇରି ମିଳିଛି। ଏଥିରେ ବହୁ ଲୋକଙ୍କ ନାମ ଓ ମୋବାଇଲ ନମ୍ବର ରହିଛି। ବଲାଙ୍ଗୀର ଜିଲାର କୌଣସି ଲୋକ ତାଙ୍କ ବିରୋଧରେ ଅଭିଯୋଗ କରି ନ ଥିବାରୁ ତାଙ୍କୁ ଛାଡି ଦିଆଯାଇଛି। ଏସଂକ୍ରାନ୍ତରେ ରାୟଗଡା ଥାନାକୁ ମଧ୍ୟ ଜଣାଇ ଦିଆଯାଇଥିବା ଆଇଆଇସି ମନବୋଧ କହିଛନ୍ତି।

## ଲେଲିବାଡ଼ିରେ ଚକ୍ଷୁ ପରୀକ୍ଷା ଶିବିର

ଜେକେପୁର, ୨।୨ (ନିଧି ଗାଣ୍ଡେଚା)

ଜେକେ ପେପରମିଲ୍ ଓ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ ମିଳିତ ଭାବେ କୋଲନରା ବ୍ଲକ ଅନ୍ତର୍ଗତ ଲେଲିବାଡ଼ିଠାରେ ଏକ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୪୫ଜଣ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୩ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅପରେଶନ ପାଇଁ ପିତାମହଲସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନକୁ ପଠାଯାଇଥିଲା। ସମସ୍ତଙ୍କୁ ମାଗଣା ଚିକିତ୍ସା, ଔଷଧ ପ୍ରଦାନ ସହ ମାଗଣା ଚଷମା ଯୋଗାଇ



ଦିଆଯିବ । ଏହି କାର୍ଯ୍ୟକ୍ରମକୁ ଜେକେ ପେପରମିଲ୍‌ର ଲୋକ ସମ୍ପର୍କ ଓ ସିଏସ୍‌ଆର୍ ବିଭାଗ ଡେପୁଟି ମ୍ୟାନେଜର ହରିହର ଖମାରି ସଂଯୋଜନା କରିଥିଲେ ।

# ସିପିଆଇ(ଏମ୍‌ଏଲ୍), ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ବିକ୍ଷୋଭ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ପଦ୍ମପୁର, ୨।୨ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ (ଏମ୍‌ଏଲ୍) ଲିବରେଶନ ଓ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ୧୨ ଦଫା ଦାବି ନେଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପଦ୍ମପୁର ବ୍ଲକର ସୁନାରିଘାଇ ଛକଠାରୁ ସିପିଆଇ(ଏମ୍‌ଏଲ୍) ଲିବରେଶନ ଓ ଆଦିବାସୀ ସଂଘର୍ଷ ମୋର୍ଚ୍ଚା କର୍ମକର୍ତ୍ତା ଏକ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ୧୨ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ବର୍ଷକୁ ୨୦୦ ଦିନ କାମ ସହ ଦୈନିକ ୬୦୦ ଟଙ୍କା ମଜୁରି, ସମସ୍ତ ରାଶନ କାର୍ଡଧାରୀଙ୍କୁ ୫୦ କେ.ଜି. ଚାଉଳ, ପ୍ରଧାନମନ୍ତ୍ରୀ ଆବାସରେ ୫ ଲକ୍ଷ ଟଙ୍କା ଲେଖାଏ ଯୋଗାଇବା, ପଦ୍ମପୁର ବ୍ଲକ୍ ପ୍ରତ୍ୟେକ ପଞ୍ଚାୟତ ହେଡ୍‌କ୍ୱାର୍ଟରରେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମଙ୍କୁ ପେନ୍‌ସନ ଯୋଗାଇବାକୁ ଦାବି ହୋଇଥିଲା




ପଦ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସେହିପରି ପଦ୍ମପୁରଠାରେ ଶୀତଳଭଣ୍ଡାର ନିର୍ମାଣ କରିବା, ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା କରିବା ଏବଂ ଚାଷୀମାନଙ୍କୁ ପେନ୍‌ସନ ଦେବା, ଜଙ୍ଗଲ ଅଧିକାର ଆଇନ ୨୦୦୬ର କଠୋର କାର୍ଯ୍ୟକାରିତା କରିବା ଓ ପ୍ରତ୍ୟେକ ଭୂମିହୀନ ଆଦିବାସୀ ପରିବାରଙ୍କୁ ଜମିପଟ୍ଟା ଯୋଗାଇଦେବା, ଖମାପଦର ଗ୍ରାମର ଗଙ୍ଗା ଯମୁନା ସାହିରେ ରହୁଥିବା ବାସିନ୍ଦାଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ କରିବାକୁ ଦାବି ହୋଇଛି। ସେହିପରି ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତରେ ଅମିନ ଓ ଆର୍‌ଆଇଙ୍କୁ ମାସିକ ୧୫ ଦିନ ଆଦିବାସୀ ଲୋକଙ୍କ ଦଖଲରେ ଥିବା ଜମିକୁ ସର୍ଭେ କରିବା ପାଇଁ ପଦ୍ମପୁର ତହସିଲଦାରଙ୍କ ଦ୍ୱାରା ଅନୁମତି ପ୍ରଦାନ କରିବା, ବ୍ଲକର କୋଇଲିକୋଟା ଗ୍ରାମର ଆଦିବାସୀଙ୍କ ଉପରେ ମିଥ୍ୟା କେସ୍ ପ୍ରତ୍ୟାହାର କରିବା, ପଦ୍ମପୁର ବ୍ଲକ୍‌ରେ ଥିବା ସିଲିଂ ବହିର୍ଭୂତ ଜମିକୁ ଆଦିବାସୀ ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରିବା, ଚାଷୀଙ୍କୁ ଋଣ ଛାଡ କରିବା ଓ ନୂଆ ଋଣ ଯୋଗାଇବା ଏବଂ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଓ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ପାଇଁ ମଣ୍ଡିର ବ୍ୟବସ୍ଥା କରିବା, ତେମ୍ବାଗୁଡା ପଞ୍ଚାୟତ ହର୍ଲାଗୁଡ଼ା ନାଳକୁ ଚେକ୍‌ଡ୍ୟାମ୍ ନିର୍ମାଣକରି ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇବାକୁ ଦାବି ହୋଇଛି। ସେହିପରି କୋଇଲିକୋଟା, ଲାଉଗୁଡ଼ା, ଇନ୍ଦୁପୁର, ଅଣ୍ଟୁଗୁଡ଼ା, ଖମାପଦର, ଜାତିଲି, ରୟାଲପଦର ଗାଁର ଆଦିବାସୀଙ୍କ ଭୋଗ ଦଖଲରେ ରହିଥିବା ଜମିର ପଟ୍ଟା ପ୍ରଦାନ କରିବା, ଆଖୁସିଂ ପଞ୍ଚାୟତ ସୌରା ଆମ୍ବକୁଲା ଗ୍ରାମର ପ୍ରାୟ ୨୦ ଚାଷୀ ପରିବାରକୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଟୋକନ ଦେବାର ବ୍ୟବସ୍ଥା କରିବା ନେଇ ଦାବି କରାଯାଇଛି। ଆନ୍ଦୋଳନରେ ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡିକା, ରାଜେନ୍ଦ୍ର ମାଝୀ, କର୍ଣ୍ଣ ଏଲ ଗମାଙ୍ଗ, ରବି ନିମାଲା, ରଇବା ଶବର, ଶ୍ୟାମ ଶବର, କଟରି ଶବର, ହର୍ଷନନ୍ଦ ଲିମା, ଡୁସା ଶବର, ମିନ ଶବର, ଗିରିଧର ଶବର ଓ ଭୀମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଡିକିରୁ ୨ ଲକ୍ଷ ଲୁଟି ନେଲେ ଦୁର୍ବୃତ୍ତ

**ଗୁଣପୁର ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରୁ ଲୁଟ୍**

ଗୁଣପୁର, ୨।୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରୁ ଦିନ ଦ୍ୱିପ୍ରହରରେ ଅଭିନବ ଉପାୟରେ ବାଇକ୍ ଡିକିରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ସୁରେନ୍ଦ୍ର ଦଳପତି ନାମକ ଜଣେ ଯୁବକଙ୍କ ବାଇକ ଡିକିରୁ ୨ ଲକ୍ଷ ଲୁଟି ନେଇଥିବା ଆଦର୍ଶ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି । ଷ୍ଟେଟ ବ୍ୟାଙ୍କ ସିସି ଟିଭି ଓ ସହରର ମୁଖ୍ୟ ରାସ୍ତାରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାରକରି ଗୁଣପୁର ପୋଲିସ ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ପାଖ ଥାନାଗୁଡିକରେ ମଧ୍ୟ ପୋଲିସ ସୂଚନା ଦେଇଥିବା ଜଣାପଡିଛି।

ଲୁଟ୍‌ର ଶିକାର ହୋଇଥିବା ସୁରେନ୍ଦ୍ରଙ୍କ କହିବା ଅନୁଯାୟୀ, ଦୁର୍ବୃତ୍ତମାନେ ୨ଟି ୫୦ ଟଙ୍କିଆ ନୋଟ ତଳେ ପକାଇ ତୁମ ଟଙ୍କା ପଡ଼ିଯାଇଛି ବୋଲି କହିଥିଲେ। ସୁରେନ୍ଦ୍ର ଟଙ୍କା ଗୋଟାଇବାକୁ ଯିବା ସମୟରେ ଦୁର୍ବୃତ୍ତମାନେ ବାଇକ ଡିକିରୁ ୨ ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଥିଲେ। ସୁରେନ୍ଦ୍ରଙ୍କ ଘର ଜଲତାର ଗ୍ରାମ ବୋଲି ଜଣାପଡିଛି। ସୁରେନ୍ଦ୍ର ଜଲତାର ଗ୍ରାମର ମା' ସନ୍ତୋଷୀ ମହିଳା ସଂଘର ଟଙ୍କା ଉଠାଇ ଗ୍ରାମରେ ପହଞ୍ଚାଇବା ପାଇଁ ନେଇଥିଲେ। ସେ



ଗୁଣପୁର ପୋଲିସ ଷ୍ଟେଟ୍ ବ୍ୟାଙ୍କରୁ ସିସି ଟିଭି ଯାଞ୍ଚକରି ଫେରୁଛି।

ଏହି ଟଙ୍କା ଡିକିରେ ରଖି ବ୍ୟାଙ୍କ ସମ୍ମୁଖରୁ ବାହାରୁଥିବାବେଳେ ଲୁଟ୍‌ର ଶିକାର ହୋଇଥିବା ସୁରେନ୍ଦ୍ର କହିଛନ୍ତି । ପୂର୍ବରୁ ମଧ୍ୟ ଏଭଳି ଉପାୟରେ ଡିକିରୁ ଟଙ୍କା ଲୁଟ ଘଟଣା ସାମ୍ନାକୁ ଆସିଥିଲା । ବର୍ତ୍ତମାନ ସୁଦ୍ଧା ଦୁର୍ବୃତ୍ତଙ୍କ ପତ୍ତା ମିଳିପାରିନାହିଁ। ଗୋଟିଏ ପରେ ଗୋଟିଏ ଚୋରି, ଲୁଟ୍ ଘଟଣା ସହରରେ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଉଛି।

# ଉତ୍କଳ ଆଲୁମିନା ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର




ଶିବିରରେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଟିକିରି, ୨।୧ (ପ୍ରଫୁଲ୍ଲ କୁମାର ବେହେରା)

ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ପକ୍ଷରୁ କାଶୀପୁର ବ୍ଲକ୍ ଚନ୍ଦ୍ରଗିରିଠାରେ ଏକ ମଲ୍ଟି ସ୍ପେଶାଲିଟି ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇ ଯାଇଛି। ପୁନରୁତ୍ଥାନ ଭଲ୍ୟୁଣ୍ଟାରି ଅର୍ଗାନାଇଜେଶନ ସହଯୋଗିତାରେ ଗତ ୨୯ରେ ଏହି ଶିବିର ଆୟୋଜନ କରା ଯାଇଥିଲା। ଚନ୍ଦ୍ରଗିରି ଗ୍ରାମପଞ୍ଚାୟତର ପାରିପାର୍ଶ୍ୱିକ ୩୨ଟି ଗ୍ରାମରୁ ମୋଟ ୬୪୬ଜଣ ରୋଗୀ ସ୍ୱାସ୍ଥ୍ୟସେବାର ସୁଯୋଗ ନେଇଥିଲେ। ଚକ୍ଷୁ, ସ୍ତ୍ରୀରୋଗ, ଚର୍ମ, ଶିଶୁ ରୋଗ ଓ ଭେଷଜ ଆଦି ସମେତ ବହୁ ବିଭାଗର ଡାକ୍ତରଙ୍କ ସହ ବିଭିନ୍ନ କ୍ଷେତ୍ରରୁ ଆସିଥିବା ୫ଜଣ ଅଭିଜ୍ଞ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ସୁଯୋଗ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ସୂର୍ଯ୍ୟ ପି. ନାୟକ, କାଶୀପୁର ଆଇଆଇସି ନେତ୍ରାନନ୍ଦ ନାୟକ, କାଶୀପୁର ସିଏଚ୍‌ସି ସୁନୀଲ ରାୟ, ସରପଞ୍ଚ ଏବଂ ଗୋଷ୍ଠୀ ନେତୃବୃନ୍ଦ ଉପସ୍ଥିତ ଥିଲେ। ଡିଏଚ୍‌ସିଏସ୍‌ଆର୍ ମାଇନ୍ସ ମନୋଜ ଦାସ ଏବଂ ତାଙ୍କ ଟିମ୍ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ ଦିନ ହେଲା ଝିଅ ନିଖୋଜ, ଏସ୍‌ପିଙ୍କ ଦ୍ୱାରସ୍ଥ ମା'ବାପା



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ପରିବାର ଲୋକେ ଏବଂ ଗ୍ରାମବାସୀ।

ରାୟଗଡ଼ା, ୨।୨ (ଆଶିଷ ରଞ୍ଜନ ପଣ୍ଡା)

**ନାବାଳିକା ଝିଅର ପତ୍ତା ନ ମିଳିଲେ ରାସ୍ତାରୋକୋ ଚେତାବନୀ**

୧୪ ବର୍ଷୀୟା ଝିଅ ନିଖୋଜ ଥିବା ନେଇ ରାୟଗଡ଼ା ଜିଲା ଚାନ୍ଦିଲି ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗର ୪ ଦିନ ବିତିଥିଲେ ମଧ୍ୟ ଚାନ୍ଦିଲି ପୋଲିସ ଝିଅଙ୍କୁ ଖୋଜିବାରେ କୌଣସି ତତ୍ପରତା ଦେଖାଉ ନ ଥିବାରୁ ପରିବାର ଲୋକେ ଓ ଗ୍ରାମବାସୀ ଶୁକ୍ରବାର ଏସ୍‌ପି ହରିଶ ବି.ସି.ଙ୍କୁ ଭେଟିଛନ୍ତି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଝିଅକୁ ଖୋଜି ବାହାର କରି ସୂଚନା ଦିଆଯିବ ବୋଲି ଏସ୍‌ପି ହରିଶ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଯଦି ୨ଦିନ ମଧ୍ୟରେ ଝିଅର କୌଣସି ଖବର ନ ମିଳେ ତେବେ ରାସ୍ତାରୋକୋ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଚାନ୍ଦିଲି ଥାନା ଅନ୍ତର୍ଗତ କେଉଟଗୁଡ଼ା ଗ୍ରାମର ବିଜୟ କୌଶଲ୍ୟାଙ୍କ ୧୪ବର୍ଷୀୟା ଝିଅ ବର୍ଷା କୌଶଲ୍ୟା ଚତୁର୍ଥ ଶ୍ରେଣୀରେ ଗାଁ ସ୍କୁଲରେ ପଢ଼ନ୍ତି । ପ୍ରତିଦିନ ଭଳି ବର୍ଷା ମଙ୍ଗଳବାର ସକାଳୁ ସ୍କୁଲକୁ ଯାଇଥିଲେ । ତେବେ ଅପରାହ୍ନ ୪ଟାରେ ସ୍କୁଲ ଛୁଟିର ବହୁତ ସମୟ ବିତିଯାଇଥିଲେ ମଧ୍ୟ ବର୍ଷା ଘରକୁ ଫେରି ନ ଥିଲେ। ଝିଅକୁ ରାତି ୮ଟା ପର୍ଯ୍ୟନ୍ତ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ଖବର ନ ମିଳିବାରୁ ବାପା ବିଜୟ ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ୨୯/୨୦୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ଚାନ୍ଦିଲି ଥାନା ଏସ୍‌ଆଇ ପ୍ରଜ୍ଞାଶ୍ରୀ କହିଛନ୍ତି , ପୋଲିସ ପକ୍ଷରୁ କୌଣସି ଅବହେଳା ନ କରି ଝିଅକୁ ଖୋଜା ଚାଲିଛି ।

## ଗ୍ରାମଦେବୀ ମନ୍ଦିର ପୁନଃ ନିର୍ମାଣ ପାଇଁ ଶୁଭାରମ୍ଭ

ଗୁଣପୁର, ୨।୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ମଧ୍ୟରେ ଥିବା ସର୍ବ ପୁରାତନ ଗ୍ରାମଦେବୀ ମନ୍ଦିରର ପୁନଃ ନିର୍ମାଣ ପାଇଁ ଗୁରୁବାର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମରେ ଉପଜିଲାପାଳ କିରଣଦୀପ କୌରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, କର୍ତ୍ତା ତ୍ରିନାଥ ପାଣିଗ୍ରାହୀଙ୍କ ଦ୍ୱାରା ସମସ୍ତ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ହୋମ, ପୂଜା ଅର୍ଚ୍ଚନା ପୂର୍ବକ ମନ୍ଦିର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସରକାରଙ୍କଠାରୁ ମନ୍ଦିର ନିମନ୍ତେ ଆସିଥିବା ୭ଲକ୍ଷ ଟଙ୍କାର ବିନିଯୋଗ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ରାୟଗଡ଼ା, ୨।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ମାଟିକଣା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାସ ମୁଖ୍ୟ ଅତିଥି ଏବଂ ଜେମସ୍ କଲେଜର ନିର୍ଦ୍ଦେଶକ ଏଭି.ଏସ୍.ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉକ୍ତ କ୍ରୀଡ଼ା ଉତ୍ସବରେ ୪ଟି ହାଉସର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ବାର୍ଷିକ କ୍ରୀଡ଼ା ଉତ୍ସବରେ କ୍ରିକେଟ, ଭଲିବଲ୍, କବାଡ଼ି, ମ୍ୟୁଜିକାଲ ଚେୟାର, ଶଟ୍‌ପୁଟ୍, ଡିସ୍କସ୍ ଥ୍ରୋ ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା



ଅତିଥିଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରୀମାନେ।

ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚନ୍ଦନ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୮ ଦିନ ବନ୍ଦ ରହିବ ଗୁଣପୁର-ବିଶାଖାପାଟଣା, ପଲାସାରୁ ଫେରିବ ରାଜ୍ୟରାଣୀ

ଗୁଣପୁର, ୨।୨ (ପ୍ରଦୀପ କୁମାର ପାଢୀ)

**ନୌପଡ଼ା ପାରଳାଖେମୁଣ୍ଡି ମଧ୍ୟରେ ଟ୍ରାଫିକ, ପାୱାର ବ୍ଲକ୍**

ନୌପଡା ପାରଳାଖେମୁଣ୍ଡି ମଧ୍ୟରେ ଟ୍ରାଫିକ ଏବଂ ପାୱାର ବ୍ଲକ ଯୋଗୁଁ ଗୁଣପୁରକୁ ଆସୁଥିବା କେତେକ ଟ୍ରେନରେ ପରିବର୍ତ୍ତନ ସହ ଚଳାଚଳ ବନ୍ଦ ରହିଛି। ଏଥିଲାଗି ବିଶାଖାପାଟଣା ଗୁଣପୁର ବିଶାଖାପାଟଣା ଟ୍ରେନ୍ ଚଳାଚଳ ବନ୍ଦ କରାଯିବାକୁ ଥିବାବେଳେ ରାଜ୍ୟରାଣୀ ଟ୍ରେନ୍ ପଲାସା ଷ୍ଟେଶନରୁ ନିଜ ଗନ୍ତବ୍ୟସ୍ଥଳୀକୁ ଯିବ ବୋଲି ବିଶାଖାପାଟଣା ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ୪, ୭, ୧୧, ୧୪, ୧୮, ୨୧, ୨୫ ଏବଂ ୨୮ ତାରିଖ ଯଥା ଫେବୃଆରୀର ରବିବାର ଏବଂ ବୁଧବାର ଏପରି ୮ ଦିନ ବିଶାଖାପାଟଣା ଗୁଣପୁର ବିଶାଖାପାଟଣା ମଧ୍ୟରେ ଟ୍ରେନ୍ ଚଳାଚଳ ବନ୍ଦ ରହିବ ବୋଲି କୁହାଯାଇଛି। ସେହିପରି ରାଉରକେଲା ଗୁଣପୁର ରାଉରକେଲା ରାଜ୍ୟରାଣୀ ଟ୍ରେନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେବ। ଚଳିତ ମାସ ୩, ୬, ୧୦, ୧୩, ୧୭, ୨୦, ୨୪ ଏବଂ ୨୭ ତାରିଖ ଯଥା ରବିବାର ଓ ବୁଧବାର ୮ ଦିନ ରାଉରକେଲା ଗୁଣପୁର ରାଜ୍ୟରାଣୀ ଟ୍ରେନ ଗୁଣପୁର ନ ଆସି ପଲାସାଠାରୁ ଫେରିଯିବ। ସେହିଭଳି ୪, ୭, ୧୧, ୧୪, ୧୮, ୨୧, ୨୫ ଏବଂ ୨୭ ତାରିଖରେ ଯଥା ରବିବାର ବୁଧବାର ୮ ଦିନ ପଲାସାଠାରୁ ରାଉରକେଲା ଅଭିମୁଖେ ଟ୍ରେନ୍ ଯାତ୍ରା କରିବ।

# ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ

ପଦ୍ମପୁର, ୨।୨ (ପ୍ରଶାନ୍ତ କୁମାର କର)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ରାୟଗଡା ଜିଲା ପଦ୍ମପୁର ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟଠାରେ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩ ରୁ ୫ ତାରିଖ ମଧ୍ୟରେ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକ ତଥା ଓଡ଼ିଆ ଭାଷାବିତ ଦିଲୀପ କୁମାର କର, ମହିଳା ଓ ଶିଶୁ ବିକାଶ ପରିଦର୍ଶିକା ସନ୍ଧ୍ୟାରାଣୀ ଦାସ ଉପସ୍ଥିତ ରହି କବି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ବ୍ଲକର କାର୍ଯ୍ୟରତ ସ୍ୱୟଂ ସହାୟକ ଦଳ ମଧ୍ୟରୁ ୩୦ ଜଣ ମହିଳା କବି ଯୋଗଦେଇଥିଲେ । ବିଡିଓ ମିଶ୍ର 'ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ' ଉପରେ ଆଲୋଚନା କରିବା ସହ ଓଡ଼ିଆ ଭାଷା ସାହିତ୍ୟରେ କବିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ କର ସମସ୍ତ କବିତାଗୁଡିକୁ ସମୀକ୍ଷା କରିଥଲେ। କବୟିତ୍ରୀ ନୀତି କୁମାରୀ ଗମେତିକାଙ୍କୁ ପ୍ରଥମ ପୁରସ୍କାର ମିଳିଥିବା ବେଳେ ପ୍ରମିଳା ସାହୁଙ୍କୁ ଦ୍ୱିତୀୟ ଓ କବୟିତ୍ରୀ ରିଙ୍କି ସାହୁଙ୍କୁ ତୃତୀୟ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦ ଜଣ ମହିଳା କବୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମିଶନ ଶକ୍ତି ସଂଯୋଜକ ସୁନୀଲ କୁମାର ମିଶ୍ର ଓ ସହାୟିକା ଜସ୍ମିତା ଗମାଙ୍ଗ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବ୍ଲକ ମିଶନ ଶକ୍ତି ସଂଯୋଜକ ସୁନୀଲ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କବୟିତ୍ରୀମାନେ।

# ବିଶ୍ୱ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ବିଷମ କଟକ, ୨।୨ (ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ବିଷମକଟକ ମା' ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦର୍ଶନ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପିକା ଦୀପ୍ତିରାଣୀ ମିଶ୍ରଙ୍କ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡି ଯୋଗଦେଇ ମାତୃଭାଷା ଓଡ଼ିଆର କିପରି ଉନ୍ନତି ହୋଇପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରାଚୀନ ଶିଳାଲିପିର ଗବେଷକ ଓ ଐତିହାସିକ ଶ୍ରୀରଙ୍ଗ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ପ୍ରାଚୀନତା, ଓଡ଼ିଆ ଭାଷାର ସୃଷ୍ଟି ଏବଂ ଏହାର ମାନ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଣ୍ଡା ବିବରଣୀ ଉପସ୍ଥାପନା କରିଥିଲେ । ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମା ଶଙ୍କର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ନେମାଲପୁରୀ ଓ ଓଡ଼ିଆ ଅଧ୍ୟାପକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ତଥା କ୍ଷୁଦ୍ରଗଳ୍ପ ରଚନା, ଓଡ଼ିଆ କୁଇଜ, ଗୀତ, ଜଗନ୍ନାଥ ଭକ୍ତିଗୀତ, ଓଡ଼ିଆ ଖାଦ୍ୟ ପ୍ରସ୍ତୁତି, ଲୋକନୃତ୍ୟ, ବକ୍ତୃତା, ହସ୍ତାକ୍ଷର ଲିଖନ, ପ୍ରବନ୍ଧ ଲିଖନ, ନାଟକ, ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ନେଇ କଳା ପ୍ରଦର୍ଶନୀ ଓ ଶ୍ୟାଶନ ଶୋ ଆୟୋଜନ କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହିତ ପ୍ରଥମ ପୁରସ୍କାର ୫୫୫ ଟଙ୍କା, ଦ୍ୱିତୀୟ ପୁରସ୍କାର ୪୪୪ ଟଙ୍କା ଓ ତୃତୀୟ ପୁରସ୍କାର ୩୩୩ ଟଙ୍କା ପ୍ରଦାନ କରଯାଇଥିଲା। ଓଡ଼ିଆ ଅଧ୍ୟାପିକା ଶୁଚିସ୍ମିତା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା ।

## ସଂକ୍ଷେପରେ

### ଚୋରି ଘଟଣାରେ ୨ ଗିରଫ

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ସୁକୁଣ୍ଡା ଗ୍ରାମରେ ଏକ ଦୋକାନରୁ ଲକ୍ଷାଧିକ ଟଙ୍କାର କଂସା ଓ ପିତ୍ତଳ ସାମଗ୍ରୀ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଫାଷ୍ଟଗେଟ ଧୋବାବନ୍ଧ ହୁଡାର ଅମିତ ବାହାଦୂର ଏବଂ ଚୋରି ସାମଗ୍ରୀ କିଣିଥିବା ଲାଠି ଗ୍ରାମର ପ୍ରଦ୍ୟୁମ୍ନ ସେନାପତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସୁକୁଣ୍ଡାର ଶିଶିର ମହାରଣାଙ୍କ ଏକ ପିତ୍ତଳ ଓ କଂସାବାସନ ଦୋକାନ ରହିଛି । ଗତ ୨୩ ତାରିଖ ରାତିରେ ଶିଶିର ଦୋକାନ ବନ୍ଦ କରି ଯାଇଥିଲେ। ୨୪ ତାରିଖରେ ଦୋକାନ ଖୋଲିବା ବେଳେ ୩ ପିତଳ ଘଣ୍ଟ, ୧୭ ଥାଳି, ୧୩ ଛୋଟ ପାତ୍ର ଓ ୨ ବଡ ପାତ୍ର ଚୋରି ହୋଇଥିବା ଜଣାପଡ଼ିଥିଲା। ତଦନ୍ତ ପରେ ପୋଲିସ ୨ ଅଭିଯୁକ୍ତ ଅମିତ ଓ ତାଙ୍କର ଜଣେ ସହଯୋଗୀ ଦୋକାନରୁ ଚୋରି କରି ପ୍ରଦ୍ୟୁମ୍ନଙ୍କୁ କମ ଦରରେ ବିକ୍ରି କରିଥିବା ଜାଣିବାକୁ ପାଇଥିଲା। ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇ ଶିଶିରଙ୍କୁ ହସ୍ତାନ୍ତର କରାଯାଇଥିବା ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।

### ୪ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

#### ସ୍ୱାମୀଙ୍କୁ ହତ୍ୟା ଘଟଣା

ମୋହନା, ୨।୨(ମନ୍ମଥ ନାଥ ମିଶ୍ର):

ପରକୀୟା ପ୍ରୀତିକୁ କେନ୍ଦ୍ରକରି ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ହତ୍ୟା କରି ଫିଙ୍ଗି ଦେବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଅଡ଼ବା ପୋଲିସ ୪ବର୍ଷ ପରେ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ବାଗେଶ୍ୱରପୁର ଗାଁର ବିଜୟ ସାମନ୍ତରା। ୨୦୨୦ ଜାନୁୟାରୀ ୧ରେ ଘଟିଥିଲା ଏହି ହତ୍ୟାକାଣ୍ଡ। ସୁନାଯୋଗ୍ୟ, ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅଫିସର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ ଯୁବରାଜ ଚାନ୍ଦି। ବଗେଶ୍ୱରପୁର ଗ୍ରାମର ବିଜୟ ମୁନିଗୁଡାରେ ରହି ଫଳ ବ୍ୟବସାୟ କରୁଥିଲେ। ଏହି ସମୟରେ ଯୁବରାଜଙ୍କ ପତ୍ନୀ ନିବେଦିତାଙ୍କ ସହିତ ବିଜୟଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ଏଥିରେ ସ୍ୱାମୀ କଣ୍ଟା ସାଜୁଥିଲେ। ତେଣୁ ସ୍ୱାମୀ ଯୁବରାଜଙ୍କୁ ହଟାଇବା ପାଇଁ ସ୍ତ୍ରୀ ନିବେଦିତା ଓ ପ୍ରେମିକ ବିଜୟ ମିଶି ଯୋଜନା କରିଥିଲେ। ଜଣେ ସୁପାରିକିଲରଙ୍କୁ ୩୦ ହଜାର ଟଙ୍କା ଦେଇ ଜାନୁୟାରୀ ୧ରେ ଘରେ ହତ୍ୟା କରି ମୃତଦେହକୁ ଏକ ବେଡସିଟରେ ଗୁଡ଼ାଇ ଅଡ଼ବା ଥାନା ନିକଟରେ ଫିଙ୍ଗି ଦେଇଥିଲେ। ପୋଲିସ ରକ୍ତ ଜୁବୁଜୁବୁ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ସ୍ତ୍ରୀ ନିବେଦିତା ଓ ଦୁଇ ସହଯୋଗୀ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଖରିଡ଼ା ଗ୍ରାମର ପ୍ରମୋଦ କୁମାର ବେହେରା, ଆସ୍କା ଥାନା ଖଣଭାଗ ଗ୍ରାମର ଅନିଲ କୁମାର୍ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ମୁଖ୍ୟ ଅଭିଯୁକ୍ତ ବିଜୟ ତାମିଲନାଡୁ ପଳାଇ ଯାଇଥିଲେ। ନିକଟରେ ବିଜୟ ଗ୍ରାମକୁ ଆସିଥିବା ଖବର ପାଇ ଅଡ଼ବା ପୋଲିସର ଏକ ଟିମ ଶୁକ୍ରବାର ବାଗେଶ୍ୱରପୁର ଗାଁରୁ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବୋମାମାଡ଼ ଘଟଣା: ଅଭିଯୁକ୍ତଙ୍କ ଜାମିନ ଖାରଜ

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟବସାୟୀଙ୍କୁ ବୋମା ପକାଇ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରି ଜେଏମଏଫସି କୋର୍ଟ ଅଭିଯୁକ୍ତ ଶମ୍ଭୁ ସେଠୀଙ୍କ ଜାମିନ ଖାରଜ କରି ଦେଇଛନ୍ତି। କେ. ନୂଆଗାଁ ଥାନା ଅନ୍ତର୍ଗତ ଝଗଡା ଗ୍ରାମରେ କିଶୋର ଚନ୍ଦ୍ର ପ୍ରଧାନ ଏକ ଦୋକାନ କରିଛନ୍ତି। ଡିସେମ୍ବର ୬ରେ ୨ଜଣ ଯୁବକ ତାଙ୍କ ଦୋକାନକୁ ଯାଇ କିଛି ସାମଗ୍ରୀ ମାଗିଥିଲେ। ସେ ମନା କରିବାରୁ ତାଙ୍କ ଉପରକୁ ୨ଟି ବୋମା ଫିଙ୍ଗିଥିଲେ। ପରଦିନ ସେ ଥାନାକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୮୧/୨୩ ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପାଟପୁର ଥାନା ଅଞ୍ଚଳର ଭୀମ ସେଠୀ ଓ ଟିର୍କିଟି ପେଣ୍ଠର ଅଜିତ ସେଠୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଙ୍କ ଜାମିନ ପାଇଁ ତାଙ୍କ ଓକିଲ ଆବେଦନ କରିଥିଲେ ବି ତାହା ଖାରଜ ହୋଇଯାଇଥିଲା। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ପୋଲିସ ଗିରଫ କରିଥିବା ଶମ୍ଭୁ ସେଠୀ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଅଛନ୍ତି। ତାଙ୍କ ଜାମିନ ପାଇଁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁଙ୍କ କୋର୍ଟରେ ତାଙ୍କ ଓକିଲ ଆବେଦନ କରିଥିଲେ। ଜାମିନ ଶୁଣାଣି ବେଳେ ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ସରକାରୀ ଓକିଲ ରଜତ କୁମାର ଦାଶ ଉକ୍ତ ଜାମିନର ଦୃଢ଼ ବିରୋଧ କରିଥିଲେ। ଶେଷରେ ଜଜ ଜାମିନ ଖାରଜ କରିଦେଇଛନ୍ତି। ପୂର୍ବରୁ ମଧ୍ୟ ଅଭିଯୁକ୍ତମାନଙ୍କ ଜାମିନ ପାତ୍ରପୁର ଜେଏମଏଫସି କୋର୍ଟରେ ଆବେଦନ କରାଯାଇଥିଲା।

# ୨ ଭଙ୍ଗା କୋଠରିରେ ପଢ଼ୁଛନ୍ତି ୫ ଶ୍ରେଣୀର ପିଲା



ରୋଷେଇ ଘର ଛାତ ଉପରେ ପାଲ ପକାଯାଇଛି ।




ଗ୍ରାମବାସୀ ସ୍କୁଲ ସମସ୍ୟା ସମ୍ପର୍କରେ ଅଭିଯୋଗ କରୁଛନ୍ତି।

ଡାବୁଗାଁ, ୨।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଶ୍ରେଣୀଗୃହ। ବିପଦସଙ୍କୁଳ ଶ୍ରେଣୀଗୃହରେ ପଢ଼ୁଛନ୍ତି ପିଲା। ୫ଟି ଶ୍ରେଣୀର ପିଲାଙ୍କ ପାଇଁ ଆବଶ୍ୟକ ସଂଖ୍ୟକ କକ୍ଷ ନ ଥିବାରୁ ଗୋଟିଏରେ ୩ଟି ଓ ଅନ୍ୟଟିରେ ୨ଟି ଶ୍ରେଣୀର ପିଲା ପଢ଼ୁଛନ୍ତି। ରୋଷେଇଘର ମଧ୍ୟ ଜରାଜୀର୍ଣ୍ଣ। ଏହା ହେଉଛି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ ବାଣୁଆଗୁଡ଼ା ଗ୍ରାମରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୃଶ୍ୟ। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟା ସମାଧାନ ଦିଗରେ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ଦିନରେ ଧାରଣା ଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଉକ୍ତ ବିଦ୍ୟାଳୟରେ ୧ମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୪୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ୨ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ପଢ଼ିବା ପାଇଁ ୪ଟି ଶ୍ରେଣୀ ଗୃହ ଥିବାବେଳେ ୨ଟି ଶ୍ରେଣୀଗୃହ ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ଓ ଆଉ ୨ଟି ଗୃହରୁ ବର୍ଷା ଦିନେ ପାଣିଗଳୁଛି। ଫଳରେ ବର୍ଷାଦିନେ ପାଠପଢ଼ାରେ ଅସୁବିଧା ହେଉଛି। ସ୍କୁଲର ୩ ପଟରେ ପାଚେରି ରହିଥିବାବେଳେ ଗୋଟିଏ ପଟରେ ପାଚେରି ନାହିଁ। ଫଳରେ କୁକୁର, ଗାଈ ଗୋରୁ ସ୍କୁଲ ଭିତରେ ପଶି ପଢ଼ାରେ ଅସୁବିଧା ସୃଷ୍ଟି କରୁଛନ୍ତି। ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ନିର୍ମିତ ଗୃହରୁ ବର୍ଷାଦିନରେ ପାଣି ଗଳୁଛି। ଫଳରେ ଛାତ ଉପରେ ପାଲ ପକାଯାଇ ରୋଷେଇ କରାଯାଉଛି। ଏହି ସବୁ ସମସ୍ୟା ବିରୋଧରେ ଗତ ଜୁଲାଇ ୨୪ରେ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ।

**ବାଣୁଆଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ**

ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ। ଜିଲାପାଳ ବ୍ଲକ ପ୍ରଶାସନକୁ ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ସ୍କୁଲର ବିପଦସଙ୍କୁଳ ଘରେ ପିଲାମାନେ ପଢ଼ିବାବେଳେ କୌଣସି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଶାସନ ସମସ୍ୟା ସମାଧାନ ଦିଗରେ ଶୀଘ୍ର ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ବାଧ୍ୟ ହୋଇ ବିଦ୍ୟାଳୟକୁ ତାଲା ପକାଇ ଧାରଣା ଦେଇ ପ୍ରଶାସନ ବିରୋଧରେ ପ୍ରତିବାଦ କରିବୁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମାଝି, ୱାର୍ଡ ସଭ୍ୟ ଦୁର୍ଯ୍ୟ ମାଝି, ଗ୍ରାମବାସୀ ପଦ୍ମଚରଣ ମାଝି, ପୂର୍ଣ୍ଣ ଦିଶାରୀ, ସିନ୍ଧୁ ପୂଜାରୀ, କାଶୀନାଥ ମାଝି, ପୀତବାସ ମାଝି, ଲକ୍ଷଣ ମାଝି, ଆସମନ ନାୟକ, ନକୁଳ ମାଝି, ତୁଳାରାମ ଚଲାଣ ପ୍ରମୁଖ ଅଭିଯୋଗ କରିଥିଲେ। ଏନେଇ ଡାବୁଗାଁ ବିଡିଓ ଶରତ ମାଝିଙ୍କୁ ପଚାରିବାରୁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୨ଲକ୍ଷ ୫୦ ହଜାର ଟଙ୍କାର ୨ଟି ଅତିରିକ୍ତ ଶ୍ରେଣୀଗୃହ ଓ ପଞ୍ଚାୟତ ପାଣ୍ଠିରୁ ୨ଲକ୍ଷ ୫୦ ହଜାର ଟଙ୍କା ମରାମତି ପାଇଁ ମଞ୍ଜୁର କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# କାମ ହେବା ନେଇ ଆଶା ଆଶଙ୍କାରେ ଜିଲାବାସୀ

ନବରଙ୍ଗପୁର,୨।୨(ସଦାଶିବ ପ୍ରହରାଜ)

**ନବରଙ୍ଗପୁର-ଜୟପୁର ରେଳ ପ୍ରକଳ୍ପ**

ନବରଙ୍ଗପୁରକୁ ରେଳ ସଂଯୋଗୀକରଣ ହେବା ନେଇ ଆଶା ବାନ୍ଧି ବସିଛନ୍ତି ଜିଲାବାସୀ। ଏ ନେଇ ବଜେଟରେ ଅର୍ଥ ମଧ୍ୟ ଅନୁମୋଦନ ହେଉଛି। କିନ୍ତୁ ଏବେ ଯାଏ ରେଳଲାଇନ୍ କାମ ଆଗେଇ ନାହିଁ। ଚଳିତ ବଜେଟରେ ମଧ୍ୟ ଏହି ରେଳପଥ ପାଇଁ ଅର୍ଥ ଅନୁମୋଦନ ହୋଇଥିବାବେଳେ କାମ କେବେ ଆରମ୍ଭ ହେବ ସେ ନେଇ ଆଶଙ୍କାରେ ଜିଲାବାସୀ।

ଜୟପୁର-ନବରଙ୍ଗପୁରକୁ ରେଳ ପାଇଁ ୨୦୧୬ରେ ରେଳ ବିଭାଗ ସହ ଓଡ଼ିଶା ସରକାରଙ୍କ ଏମ୍‌ଓୟୁ ସ୍ୱାକ୍ଷର ହେଲା। ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇଦେବେ। ୭୪୦ କୋଟି ଟଙ୍କା ବ୍ୟୟ ବରାଦ ରହିଛି। ତଥାପି ଇଞ୍ଚେ ମଧ୍ୟ କାମ ଆଗେଇଲା ନାହିଁ। ରେଳପଥ ସଂଯୋଗ ହେଲେ ଜିଲାର ବିକାଶ ହେବ ବୋଲି ଜିଲାବାସୀ ସ୍ୱପ୍ନ ଦେଖିଥିଲେ। ଏମ୍‌ଓୟୁ କରି ଜନସାଧାରଣ ଓ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଛଳନା କରିଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ବଜେଟରେ ଜୟପୁର-ନବରଙ୍ଗପୁର ରେଳ ପଥ ପ୍ରକଳ୍ପ ପାଇଁ ବର୍ତ୍ତମାନ ୨୩୫ କୋଟି ମିଳିଛି। ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ପୂର୍ବରୁ ପ୍ରତି ବଜେଟରେ କେନ୍ଦ୍ର ସରକାର କିଛି ନା କିଛି ଅନୁଦାନ ରଖୁଛନ୍ତି। ବଜେଟରେ ପ୍ରାୟ ୬ଶହ କୋଟି ଟଙ୍କା ପାଇସାରିଲାଣି ତଥାପି ଇଞ୍ଚେ ଜମି ଅଧିଗ୍ରହଣ ହୋଇ ପାରିଲା ନାହିଁ କି ପ୍ରକଳ୍ପ କାର୍ଯ୍ୟ ଆଗେଇପାରିଲା ନାହିଁ ବୋଲି ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି କହିଛନ୍ତି। ଏ ନେଇ ବିଜେଡି ଜିଲା ସଭାପତି ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ପଚାରିବାରୁ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଛି। ତାହା ଶେଷ ହେବାପରେ ରେଳଲାଇନ୍ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା



ଓଡ଼ିଶା ମୋଟର ଚାଳକ ସଂଘ ସଦସ୍ୟମାନେ ମୃତ ଡ୍ରାଇଭରଙ୍କ ସ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ପାପଡ଼ାହାଣ୍ଡି,୨।୨(ସ୍ୱପ୍ନଜିତ ପଟ୍ଟନାୟକ)

ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ରାଜ୍ୟ ସମ୍ପାଦକ ଗୁରୁପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଶାଖାର ଦିବଂଗତ ସଦସ୍ୟ ସନାତନ ସାହୁଙ୍କ ପରିବାରକୁ ଚାଳକ କଲ୍ୟାଣ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ମୃତକଙ୍କ ସ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରାଯାଇଛି। ସୂଚନାନୁଯାୟୀ ପାପଡ଼ାହାଣ୍ଡି ମୋଟର ଚାଳକ ସଂଘ ସଦସ୍ୟ ସନାତନ ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ନଭେମ୍ବର ୨୫ରେ ମୃତ୍ୟୁ ଘଟିଛି। ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ତାଙ୍କ ସ୍ତ୍ରୀ ସୁନାମନି ସାହୁଙ୍କୁ ୨୦ ହଜାର ଟଙ୍କା ଚେକ୍ ଦିଆଯାଇଛି। ଏହି ସହାୟତା ରାଶି ପ୍ରଦାନ ବେଳେ ପାପଡ଼ାହାଣ୍ଡି ଶାଖା ଉପସଭାପତି ରାଜେନ୍ଦ୍ର ଗୌଡ଼, ସମ୍ପାଦକ ସୁରଜିତ୍ ପଟ୍ଟନାୟକ, ସହ ସମ୍ପାଦକ ନରସିଂହ ହରିଜନ, ପରିଚାଳନା କମିଟି ସଦସ୍ୟ କୁନୁ ନାୟକ, ସୀମାଞ୍ଚଳ ପାଇକ, ସଞ୍ଜୀବ ପଟ୍ଟନାୟକ, ପୁରସ୍ତମ ଭୂମିଆ, ଉମାକାନ୍ତ ଭତ୍ରା, ଟଙ୍କ ପଟ୍ଟନାୟକ, ବି.ସୁନୀଲ କୁମାର ରାଓ, ବି. ଶ୍ରୀନିବାସ ରାଓ, ଈଶ୍ୱର ଭତରା, ବେଣୁପାଣି ବିଷୋୟୀ, ଧନପତି ଭୂମିଆ, ଧନପତି ଭତରା ଓ ମଇଦଲପୁର ଶାଖା ସଭାପତି ନରହରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ




ମୁଖ୍ୟ ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ପାପଡ଼ାହାଣ୍ଡି,୨।୨(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୁଲପୁରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଗୋଷ୍ଠୀସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଇଓ ସୌମେନ୍ଦ୍ର ଭୌମିକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏବିଇଓ ସୁଦର୍ଶନ ନାୟକ, ବାଳକ ଦାସ ରନ୍ଧାରୀ, ପୂର୍ଣ୍ଣଚନ୍ଦ୍ର ପୂଜାରୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ସଭାପତି ସୁଭାସିନୀ ଦଣ୍ଡସେନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପର୍ଶୁରାମ ଡଙ୍ଗରୀ, ମନୋଜ ମାଝି ଓ ବାବୁଲାଲ ହରିଜନ ପ୍ରମୁଖ ଯୋଗଦେଇଥିଲେ। ପିଲାମାନଙ୍କ ମା' ବାପା ଅଭିଭାବକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ, ନୃତ୍ୟ, ଚିତ୍ରାଙ୍କନ ସହ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପିଲାମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାବୁଲାଲ ହରିଜନ ମଞ୍ଚ ପରିଚାଳନା କରିଥିଲେ। ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ସଙ୍ଗଠନର ଜଗନ୍ନାଥ ହରିଜନ, ପୀତବାସ ଭତରା ସହଯୋଗ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁରଜ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରୁ ୧୬ ଶିଶୁ ଶ୍ରମିକ ଉଦ୍ଧାର

## ସିଡବ୍ଲ୍ୟୁସିରେ ହାଜର ପରେ କାଉନସେଲିଂ

ବ୍ରହ୍ମପୁର,୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଶୁକ୍ରବାର ମିଳିତ ଚଢ଼ାଉ କରାଯାଇ ୧୬ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଯାଇଥିଲା। ପରେ ସେମାନଙ୍କର କାଉନସେଲିଂ କରାଯାଇଛି। ବଡ଼ବଜାର ଓ ଟାଉନ୍ ଥାନା ଅନ୍ତର୍ଗତ ବଡ଼ବଜାର, ସାନବଜାର, ଫାଷ୍ଟଗେଟ, ରାମଲିଙ୍ଗେଶ୍ୱର ମନ୍ଦିର ରାସ୍ତାକଡ଼ରେ ଥିବା ହୋଟେଲ, ଗ୍ୟାରେଜ୍ ଓ ମିଠା ଦୋକାନରେ ଚଢ଼ାଉ କରାଯାଇ ସେ ସବୁ ସ୍ଥାନରେ କାମ କରୁଥିବା ଶିଶୁମାନଙ୍କୁ ଉଦ୍ଧାର କରାଯାଇଥିଲା। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ ପଣ୍ଡା, ସଦସ୍ୟ ଦିଲୀପ ତ୍ରିପାଠୀ, ଲିନା ଚାନ୍ଦ, ପ୍ରବଣ ପାଢ଼ୀ, ଡିସିପିଓ ସୁବୋଧ ଷଡ଼ଙ୍ଗୀ, ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଶ୍ରମ ବିଭାଗର ଅଧିକାରୀ, ଅରୁଣା ଅନୁଷ୍ଠାନର କର୍ମକର୍ତ୍ତା ଓ ପୋଲିସ ଉପସ୍ଥିତ ଥିଲେ।

# ସ୍କୁଟି ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଗୋପାଳପୁର,୨।୨(ନବୀନ ରାଜ ଆଚାରୀ)

ଗଞ୍ଜେଇ ଚାଲାଣ ଅଭିଯୋଗରେ ଶୁକ୍ରବାର ଗୋଳନ୍ଥରା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୋରାପୁଟ ଜିଲା କୋଟପାଡ଼ର ପ୍ରଦୀପ କୁମାର ସ୍ୱାଇଁ। ପ୍ରଦୀପ ଏକ ସ୍କୁଟିରେ ଇଛାପୁରରୁ କନିଷି ଅଭିମୁଖେ ଯାଉଥିବା ବେଳେ ଭାଲିଆଗଡ଼ ନିକଟରେ ଗାଡିମୋଟର ଯାଞ୍ଚ କରୁଥିବା ପୋଲିସ ହାବୁଡରେ ପଡିଥିଲେ। ପୋଲିସ ଉକ୍ତ ସ୍କୁଟି ସହ ୧କେଜି ୯୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ନଂ ୫୨/୨୪ରେ ମାମଲା ରୁଜୁ କରାଯାଇ ପ୍ରଦୀପଙ୍କୁ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି।

# ମା' ପେଣ୍ଡ୍ରାଣୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଉମରକୋଟ, ୨।୨(ସନ୍ତୋଷ ଶତପଥୀ)

**୪୪ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ କରାଯାଇଛି**

ଦୀର୍ଘଦିନ ଧରି ଉମରକୋଟ ରାମମନ୍ଦିର ନିକଟରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ପୌର ପରିଷଦର ମା'ପେଣ୍ଡ୍ରାଣୀ କଲ୍ୟାଣ ମଣ୍ଡପକୁ ରୂପାନ୍ତରିତ କରାଯାଇଛି। ଶୁକ୍ରବାର ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉମରକୋଟ ପୌରାଧକ୍ଷା ରାଧା ଭତ୍ରା, କାଉନସିଲର ତପନ ଦେବନାଥ, ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି, ରଶ୍ମି ସାନ୍ତ୍ରା, ଇଷ୍ଟରରାଣୀ ପଟ୍ଟନାୟକ, ସଂଯୁକ୍ତା ପଟ୍ଟନାୟକ, ପ୍ରଭାତ ନାୟକ, ସନତ ଠାକୁର, ରମେଶ ଦାସ ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତୀତ ୫ ନମ୍ବର ୱାର୍ଡର ବହୁ ମହିଳା ଓ ପୌର କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଉକ୍ତ ପରିତ୍ୟକ୍ତ କଲ୍ୟାଣ ମଣ୍ଡପକୁ ପ୍ରାୟ ୪୪ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ କରାଯାଇଛି।



ଅତିଥିମାନେ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରୁଛନ୍ତି।

# ମୂଳ ନିବାସୀ ଅନୁସୂଚିତ ଜାତି ସଂଘର ଶୋଭାଯାତ୍ରା, ଦାବିପତ୍ର

ଉମରକୋଟ, ୨।୨(ସନ୍ତୋଷ ଶତପଥୀ)

ଜିଲା ଅନୁସୂଚିତ ଜାତି ସଂଘ ପକ୍ଷରୁ ଉମରକୋଟରେ ଏକ ବିଶାଳ ଶୋଭାଯାତ୍ରା କରାଯାଇଛି। ସଂଘ ପକ୍ଷରୁ ୪ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

ଶୁକ୍ରବାର ଉମରକୋଟସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ଭବନରେ ମୂଳ ନିବାସୀ ଅନୁସୂଚିତ ଜାତି ବର୍ଗର ଲୋକେ ଏକାଠି ହୋଇଥିଲେ। ନବରଙ୍ଗପୁର ଜିଲା ବାବା ସାହେବ ଆମ୍ବେଡକର ମଞ୍ଚ ସଭାପତି ଶରତ ପାଣିଗ୍ରାହୀଙ୍କ ନେତୃତ୍ୱରେ ସମସ୍ତେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତହସିଲଦାର, ପୌର ନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି ଜିଲା ସଭାପତି ଅର୍ଜୁନ ସମରଥ ଉପସ୍ଥିତ ଥିଲେ। ଉମରକୋଟ ଓ ଝରିଗାଁ ନିର୍ବାଚନମଣ୍ଡଳୀ ମୂଳନିବାସୀ ଅନୁସୂଚିତ ଜାତି ବର୍ଗ ଲୋକଙ୍କ ହକ୍ ଓ ଅଧିକାରକୁ ବଙ୍ଗୀୟ ଶରଣାର୍ଥୀମାନେ ଭୋଗ କରୁଛନ୍ତି। ମୂଳନିବାସୀ ଅନୁସୂଚିତ ଜାତି ବର୍ଗ ଲୋକେ ଅବହେଳିତ ଅବସ୍ଥାରେ ଅଛନ୍ତି ବୋଲି ଅଭିଯୋଗ କରାଯାଇଛି। ବଙ୍ଗୀୟ ଶରଣାର୍ଥୀଙ୍କୁ ଅନୁସୂଚିତ ଜାତିରୁ ବାଦ୍, ମୂଳ ଅନୁସୂଚିତ ଜାତିଙ୍କୁ ଚିହ୍ନଟ କରି ସମସ୍ତଙ୍କୁ ଘରଡ଼ିହ ଏବଂ ଜଙ୍ଗଲ ଜମି ପଟ୍ଟା, ପ୍ରକୃତ ମୂଳନିବାସୀ ଅନୁସୂଚିତ ଜାତିର ଜନଗଣନା କରାଯାଉ ଏବଂ ବଙ୍ଗୀୟ ଶରଣାର୍ଥୀଙ୍କ କଲାବହି ଉଚ୍ଛେଦ ସ୍ଥଗିତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ପରେ ଏକ ସଭା କରାଯାଇଥିଲା। ସରକାର ଶୀଘ୍ର ଦାବି ପୂରଣ କରନ୍ତୁ ବୋଲି ସଂଘ ସଦସ୍ୟମାନେ କହିଛନ୍ତି। ଏପରି ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଚୁନିଲାଲ ମିର୍ଜା, ଅନୁସୂଚିତ ଜାତି ନଗର ସଭାପତି ଗଙ୍ଗାଧର କଶ୍ୟପ, କାଉନସିଲର ନିଲମ ହରିଜନ, ନେତ୍ର ହରିଜନ, ବେହେଡା ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ବାଗ, ଅନୁସୂଚିତ ବର୍ଗ ରାଇଘର ବ୍ଲକ ସଭାପତି ଶ୍ରୀରାମ ସୁନାନୀ, ସୁରେଶ ଭାରତୀ, ନାରାୟଣ ସୁନାନୀ, ସୁଖରାମ ସୁନାନୀ, ସମାଜର ଜିଲା ମହିଳା ସଭାନେତ୍ରୀ ମୀନା ହରିଜନ, ରୂପ ହରିଜନଙ୍କ ବ୍ୟତୀତ ପଞ୍ଚାୟତସ୍ତରୀୟ ସଭାପତି ଓ ଅନେକ ଅନୁସୂଚିତ ବର୍ଗର ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ।



ମୂଳନିବାସୀନୁସୂଚିତ ଜାତି ସଂଘର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଆଜି ୭ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

ଜୟପୁର, ୨।୨ (ପବନ ପାଣିଗ୍ରାହୀ)

ଶୁକ୍ରବାର ଜୟପୁରରେ ୭ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିବ । ଏନେଇ ଟାଟା ପାଓାର ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ଲୋକଙ୍କୁ ଅବଗତ କରାଯାଇଛି। ସହରର ମୁଖ୍ୟ ରାସ୍ତା, ଜୟନଗର, ନୂଆସାହି ଅଞ୍ଚଳରେ ଏହି ବିଦ୍ୟୁତ୍ ସରବରାହ ସକାଳ ୯ରୁ ଅପରାହ୍ନ ୪ ଯାଏ ବନ୍ଦ ରହିବ । ବାର୍ଷିକ ମରାମତି ପାଇଁ ଏପରି ବନ୍ଦ କରାଯାଉଥିବା ଟାଟା ପାୱାର ପକ୍ଷରୁ କୁହାଯାଇଛି।

### ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ରୂପେ ରମେଶ ଚନ୍ଦ୍ର ସାହୁ ସମ୍ମାନିତ



କୋରାପୁଟ, ୨।୨ (ଅମିତାଭ ବେହେରା)

ରାଜ୍ୟ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ଦଶମନ୍ତପୁର ବ୍ଲକ ମୁଦାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ରାଜ୍ୟ ସ୍ତରରେ ଶ୍ରେଷ୍ଠ ବିଦ୍ୟାଳୟ ଓ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ କୋରାପୁଟ ଜିଲାର ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ଶ୍ରେଷ୍ଠ ବିଦ୍ୟାଳୟ ପାଇଁ ୫ ଲକ୍ଷ ଟଙ୍କା ଓ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ପାଇଁ ୨୫ ହଜାର ଟଙ୍କା, ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ସାହୁଙ୍କୁ ସମ୍ମାନିତ କରାଯାଇଛି। ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ସାହୁ ନିଜ ବିଦ୍ୟାଳୟର ସମସ୍ତ ସହକର୍ମୀ, ଛାତ୍ରୀଛାତ୍ର,ବିଦ୍ୟାଳୟ ପରିଚାଳନା କମିଟିକୁ ଶ୍ରେୟ ଦେଇଛନ୍ତି। ସେହିପରି ଜିଲାର ଶ୍ରେଷ୍ଠ ଗଣିତ ଶିକ୍ଷୟିତ୍ରୀ ଭାବେ ନନ୍ଦନୀ ଖିଲଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି । କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ ଥିବା ନନ୍ଦିନୀଙ୍କୁ ଭୁବେନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନପତ୍ର ଏବଂ ଉପଢୌକନ ସହ ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଫେସର ଡ. କପିଳ ଖେମୁଣ୍ଡୁଙ୍କ ସ୍ତ୍ରୀ ବୋଲି ଜଣାଯାଇଛି ।

### ରାସ୍ତା ନିର୍ମାଣ ନେଇ ଭିତ୍ତିପ୍ରସ୍ତର ଦେଲେ ବିଧାୟକ

ଜୟପୁର, ୨।୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକରେ ଦୁଇଟି ରାସ୍ତା ନିର୍ମାଣ ନେଇ ଶୁକ୍ରବାର ଭିତ୍ତି ପ୍ରସ୍ତର ଦିଆଯାଇଛି। ଜୟପୁର ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ଏହି ଦୁଇଟି ରାସ୍ତା ନିର୍ମାଣ ହେବ। ଏନେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପିଡବ୍ଲୁଡି ରାସ୍ତା ହରଡ଼ାପୁଟ କୁସୁମୀଠାରୁ ଦୁଆରାମ ରାସ୍ତା ଓ କଙ୍ଗା ଖଡ଼ପାରୁ କୋଟାରିପୁଟ ରାସ୍ତା ଭିତ୍ତିପ୍ରସ୍ତର ଦିଆଯାଇଛି।

### ଟ୍ରକ୍ ଯାଞ୍ଚକରି ୧୦ ହଜାର ଜରିମାନା ଆଦାୟ କଲେ ତହସିଲଦାର



ନନ୍ଦପୁର, ୨।୨ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ଗୁରୁବାର ସେମିଳିଗୁଡା କ୍ରସରରୁ ନନ୍ଦପୁର ଅଞ୍ଚଳକୁ ବିନା କାଗଜପତ୍ରରେ ମେଟାଲ ଓ ଚିପ୍ସ ଚାଲାଣ ହେଉଥିବା ବେଳେ ତହସିଲ କାର୍ଯ୍ୟାଳୟ ନିକଟରେ ଟ୍ରକଗୁଡ଼ିକୁ ଯାଞ୍ଚ କରି ଜରିମାନା କରିଛନ୍ତି। ଟ୍ରକ୍ (ଓଡି୧୦ ସି ୩୬୭୯)ର ଯାଞ୍ଚ ବେଳେ ଆବଶ୍ୟକ କାଗଜପତ୍ର ନ ଥିବାରୁ ୧୦ ହଜାର ଜରିମାନା କରାଯାଇଥିଲା। ଆଗକୁ ସମସ୍ତ ନିର୍ମାଣ ସାମଗ୍ରୀ ବାଲି, ଗୋଡ଼ି, ଚିପ୍ସ, ମେଟାଲ, ମାଟି ତିଆରି ଇଟା, ମୋରମ ଆଦିର ବେଆଇନ ପରିବହନ ଉପରେ ଏଭଳି ଚଢାଉ କରାଯିବ ବୋଲି ସାହୁ ପ୍ରକାଶ କରିଛନ୍ତି।

# କୋଟିଆ ପଞ୍ଚାୟତବାସୀଙ୍କୁ ସଚେତନକଲେ ଜିଲାପାଳ

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପଟ୍ଟାଙ୍ଗି, ୨।୨ (ଶରତ ଧଳ)



କାର୍ଯ୍ୟକମରେ ଜିଲାପାଳ ଭି. କୀର୍ତ୍ତି ଭାସନ ପଞ୍ଚାୟତ ଭିତ୍ତିଭୂମି ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶକୁ ନେଇ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତସ୍ତରରେ ସଚେତନତା ଶିବିରମାନ ଅନୁଷ୍ଠିତ ହେଉଛି। ଶୁକ୍ରବାର କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ କୋଟିଆ ଗସ୍ତକରି ପଞ୍ଚାୟତବାସୀଙ୍କୁ ସଚେତନ କରିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କାର୍ଯ୍ୟାଳୟ ମିଳିତ ସହଯୋଗରେ ହୋଇଥିଲା। ଏଥିରେ ଜିଲାପାଳ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ସରପଞ୍ଚ ଲିୟୁ ଗେମେଲ, ଜିପିଓ ଦିବାକର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ପକ୍ଷରୁ ହୋଇଥିବା ଷ୍ଟଲ୍ ପରିଦର୍ଶନକରି ଜିଲାପାଳ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଷ୍ଟଲ୍‌ରେ ପ୍ରଦର୍ଶିତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହେବାକୁ ପରାମର୍ଶ ଦେଇ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ କିପରି ସଫଳ ହୋଇପାରିବ ତାହା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ପଞ୍ଚାୟତ ଭିତ୍ତିଭୂମିର ବିକାଶ ପୁସ୍ତିକା ଉନ୍ମୋଚନ କରିଥିଲେ। ପରେ ସେ କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ଜିଲାପାଳ ଭାସନ୍ ପ୍ରଥମେ ପଞ୍ଚାୟତ ର ଦେଓମାଳି ପର୍ଯ୍ୟଟନ ସ୍ଥଳୀରେ ପହଞ୍ଚି ଜଙ୍ଗଲ ବିଭାଗ ପକ୍ଷରୁ ଚାଲିଥିବା ଇକୋ ରିଟ୍ରିଟ୍ ନିର୍ମାଣ କାର୍ଯ୍ୟ ତଦାରଖ କରି ଉପସ୍ଥିତ ଉକ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଏଇଇ ବିଶ୍ୱନାଥ ମାଦାଲି ଓ ଏପିଓ ସୌମେନ୍ଦ୍ର ନାୟକଙ୍କଠାରୁ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପିଲାଙ୍କ ପାଠପଢା ସମ୍ପର୍କରେ ବୁଝିଥିଲେ। ମାଡକାର ଗ୍ରାମ ଗସ୍ତ କରି ବ୍ଲକ ପ୍ରଶାସନ ସହାୟତାରେ ଚାଲିଥିବା ବିଜୁ ପକ୍କା ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରି ଶ୍ରମିକଙ୍କୁ ମଜୁରି ଟଙ୍କା ଠିକ୍ ସମୟରେ ପ୍ରଦାନ କରାଯାଉଛି କି ନାହିଁ ପଚାରି ବୁଝିଥିଲେ। ନୂଆଗାଁ ପଞ୍ଚାୟତ ଯାଇ ଗାଲିଗାବାଡା ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିଥିଲେ। ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚି ୫-ଟି ମାଧ୍ୟମରେ ଚାଲିଥିବା ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ନୂଆ-ଓ , ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସାହିତ୍ୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ନୃତ୍ୟ ଦଳ, କୀର୍ତ୍ତନ ଦଳ, କାଠିନାଚ, ଢେମସା ନାଚ , ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପିଇଓ କଣ୍ଡା ଗୋଲରି ଓ ଜିଆର୍‌ଏସ୍ ପରିଚାଳନା କରିଥିଲେ।

# ତୀର୍ଥଯାତ୍ରୀ ବସ୍‌କୁ ଧକ୍କାଦେଲା ହାଇୱା, ୧୭ ଆହତ

ଖୋର୍ଦ୍ଧା, ୨।୨ (ପ୍ରଭାତ ପାଣିଗ୍ରାହୀ):

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବାକୁ ଯାଉଥିଲେ

୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକରେ ଶୁକ୍ରବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ହାଇୱା ପ୍ରଥମେ ଟାଟା ଏସିଇକୁ ଧକ୍କା ଦେବା ପରେ ତୀର୍ଥଯାତ୍ରୀ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ୧୭ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଟାଟା ଏସିଇରେ ଥିବା ୨ଜଣ ଆହତ ହୋଇଛନ୍ତି। ଖବରପାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏକାଧିକ ଯାତ୍ରୀଙ୍କ ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଗୋଶାଳାସ୍ଥିତ ପରିକ୍ରମା ପ୍ରକଳ୍ପ ଅସ୍ଥାୟୀ ବିଶ୍ରାମସ୍ଥଳକୁ ନିଆଯାଇ ସେଠାରୁ ଘରକୁ ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା, ବସ୍‌କୁ ଜବତ କରିଛି। ଏଥିସହ ପୋଲିସ ହାଇୱା ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁରୁବାର ରାତିରେ ରାୟଗଡ଼ା ଜିଲା ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୪୨ଜଣ ଯାତ୍ରୀଙ୍କୁ ନେଇ ଏକ ବସ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଶୁକ୍ରବାର ସକାଳ ପ୍ରାୟ ୬ଟାରେ କୌଣସି କାରଣ ପାଇଁ ଗଡ଼ଖୋର୍ଦ୍ଧା ଛକ ନିକଟରେ ବସ୍‌ଟି ରାସ୍ତାକଡ଼ରେ ଅଟକିଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ହାଇୱା ଭୁବନେଶ୍ୱର ଯାଉଥିବା ଏକ ଟାଟା ଏସିଇକୁ ଧକ୍କା ଦେବା ପରେ ଉକ୍ତ ବସ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ପଛପାର୍ଶ୍ୱ ଓ ହାଇୱାର ସମ୍ମୁଖ ଭାଗ ଭାଙ୍ଗି ଚୂରମାର ହୋଇଯାଇଛି। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ଧକ୍କା ପରେ ହାଇୱା ଚାଳକ ଗାଡ଼ି ନେଇ ଖସିଯିବାକୁ ଉଦ୍ୟମ କରିବା ବେଳେ ସ୍ଥାନୀୟ ଲୋକେ ଧରିଥିଲେ। ଶିଳ୍ପାଞ୍ଚଳ ଥାନା ଅଧିକାରୀ ବାସୁଦେବ ଜୟସିଂ ଓ କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ ପ୍ରମୁଖ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ପରେ ଗୋଶାଳା ପଡିଆସ୍ଥିତ କ୍ୟାମ୍ପକୁ ନିଆଯାଇଥିଲା। ସେଠାରୁ ଆହତଙ୍କୁ ଅନ୍ୟ ବସ୍‌ରେ ଘରକୁ ପଠାଯାଇଛି। ତେବେ ସୁରକ୍ଷିତ ଥିବା ଯାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଅନ୍ୟ ବସ୍‌ରେ ପୁରୀ ପଠାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଗତ ଜାନୁୟାରୀ ୨୯ରୁ ରାଜ୍ୟ ସରକାର ବିଭିନ୍ନ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦର୍ଶନ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ବିଶ୍ରାମ ପାଇଁ ଖୋର୍ଦ୍ଧା ଗୋଶାଳା ପଡିଆ ଏବଂ ଜଟଣୀ କୁଦିଆରୀଠାରେ କ୍ୟାମ୍ପ କରାଯାଇଛି। ଏଠାରେ କିଛି ସମୟ ବିଶ୍ରାମ, ନିତ୍ୟକ୍ରମ ସାରି ତୀର୍ଥଯାତ୍ରୀମାନେ ପୁରୀ ଅଭିମୁଖେ ଯାତ୍ରା କରିଥାନ୍ତି।

# କୋରାପୁଟ ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନ ପ୍ରସ୍ତୁତି



ବୈଠକରେ ସଂଘ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ସୁନାବେଡା,ସେମିଳିଗୁଡା, ୨।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ନିଖିଳ ଓଡ଼ିଶା ୬୬୨ ବର୍ଗ (+୨ ଓ+୩) ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୫ ତାରିଖରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ଏହି ଦିନ ମହାବିଦ୍ୟାଳୟ ବନ୍ଦ ରହିବ। ଭୁବନେଶ୍ୱରଠାରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ତୀବ୍ର କରିବାକୁ ସଂଘ ନିଷ୍ପତ୍ତି ନେଇଛି। ଗତ ୨୦୨୩ ଫେବୃଆରୀ ୧୩ରୁ ଲୋୟର ପିଏମଜିଠାରେ ଧାରଣାରେ ବସିଥିବା ଏହି ବର୍ଗର ମହାବିଦ୍ୟାଳୟମାନଙ୍କ ଏକ ବର୍ଷ ପୂରଣ ପାଇଁ ମାତ୍ର କିଛିଦିନ ବାକି ଅଛି। ଏହି ପରିପ୍ରେକ୍ଷୀରେ ଦାବି ପୂରଣ ହୋଇ ନ ଥିବାରୁ ରାଜ୍ୟ ସଭାପତି ଗୋଲକ ନାୟକଙ୍କ ଅଧ୍ୟକ୍ଷତାରେ ସେମିଳିଗୁଡାସ୍ଥିତ ବରିଷ୍ଠ ନାଗରିକଙ୍କ ସାଧନା କେନ୍ଦ୍ରଠାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲା ୬୬୨ବର୍ଗ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ସରକାରଙ୍କ ଶିକ୍ଷକ ମାରଣା ନୀତିକୁ ବିରୋଧ କରିଥିଲେ। ଆସନ୍ତା ୫ ତାରିଖରେ ମହାବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନରେ ସାମିଲ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସରକାର ବାରମ୍ବାର ରାଜ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ପ୍ରତାରଣା କରୁଛନ୍ତି ବୋଲି ଜିଲା ସଭାପତି ତ୍ରିନାଥ ପାତ୍ରିକା ଅଭିଯୋଗ କରିଛନ୍ତି। ଜିଲା ଉପସଭାପତି ଉଷାରାଣୀ ଦାସ, ଯୁକ୍ତ ଦୁଇ ସମ୍ପାଦକ ପ୍ରଜାରଞ୍ଜନ ମିଶ୍ର, ଯୁକ୍ତ ତିନି ସମ୍ପାଦକ କିଶୋର ଚନ୍ଦ୍ର ବେହେରା ଓ ପୂର୍ବତନ ସଭାପତି ପବିତ୍ର ବେଦାନ୍ତ ପ୍ରମୁଖ ଉପସ୍ଥିତ ରହି ସରକାର ତୁରନ୍ତ ସେମାନଙ୍କ ୪ ଦଫା ଦାବି ସମାନ ଗ୍ରେଡ ପେକୁ ସମାନ ଦରମା, ୨୦୧୮ ଜିଓ ଅନ୍ତର୍ଗତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ପେନସନ ପ୍ରଦାନ କରିବାକୁ କର୍ମକର୍ତ୍ତାମାନେ ଦାବି କରିଥିଲେ। ଅଧ୍ୟକ୍ଷ ଅମର ମହାପାତ୍ର, ଲକ୍ଷ୍ମଣ ସାହୁ, ଅଧ୍ୟାପକ ଶ୍ରୀରାମ ପାତ୍ର, ଅଶୋକ ପରିଡ଼ା, ବୈଲଚନ ରଣା, ଶେଷଦେବ ବାରିକ, ରଞ୍ଜନ ବେହେରା, ସନ୍ତୋଷ ସାମଲ, ମନୋରଞ୍ଜନ ସ୍ୱାଇଁ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲା ପରଜା ସମାଜ ବିକାଶ ପରିଷଦର ପୁଷ୍‌ପୁନି ଭେଟ୍‌ଘାଟ୍

ଜୟପୁର, ୨।୨ (ପବନ ପାଣିଗ୍ରାହୀ)

ଜିଲା ପରଜା ସମାଜ ବିକାଶ ପରିଷଦ ପକ୍ଷରୁ ପୁଷ୍‌ପୁନି ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ସଭ୍ୟାସଭ୍ୟ ଅଂଶଗ୍ରହଣ କରି ରାଜନହର ଛକରୁ ଶୋଭାଯାତ୍ରାରେ ଦଶହରା ପଡ଼ିଆଠାରେ ପହଞ୍ଚିଥିଲେ। ଏହା ପୂର୍ବରୁ ମାଣ୍ଡିଆରେ ତିଆରି ଲନ୍ଦାକୁ ସୂର୍ଯ୍ୟମହଲ ପରିସରସ୍ଥିତ ବଣ୍ଡାବାଘ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। କୋରାପୁଟ ଜିଲା ପରଜା ସମାଜ ସଭାପତି କମୁଲୁ ଜାନିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ସମ୍ମାନିତ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପିତମ ପାଢୀ, ଅବିଭକ୍ତ କୋରାପୁଟ ଜିଲା ପରଜା ସମାଜ ବିକାଶ ପରିଷଦ ସଭାପତି ହରିଶ ମୁଦୁଲି, ସରପଞ୍ଚ ସଂଘର ପୂର୍ବତନ ସଭାପତି ଭଗବାନ ମୁଦୁଲି, ବୁଦ୍ଧୁ ଜାନି, ଖଗପତି ଜାନି ପ୍ରମୁଖ ଯୋଗ ଦେଇଥିଲେ। ତ୍ରିନାଥ ମୁଦୁଲି ଧନ୍ୟବାଦ ଦେଇଥିଲେ। ପରଜା ଭାଷା ସଂସ୍କୃତିର ସୁରକ୍ଷା, ପୁଷ ପରବ, ଚେତ ପରବକୁ ସରକାରୀ ଛୁଟି ରୂପେ ଘୋଷଣା କରିବାକୁ ଏହି ଅବସରରେ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ପରଜା, ତୁଳାବଡ ଲଇଛନ ମାଝି, ମଙ୍ଗଳଦେଈ ଜାନି, ବାସୁ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ




ଜୟପୁର, ୨।୨ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ବିବେକାନନ୍ଦ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ବିଶ୍ୱବିଦ୍ୟାଳୟ ଉପକୁଳପତି ଦେବୀ ପ୍ରସାଦ ମିଶ୍ର, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଗୋପାଳ ହାଲ୍‌ଦାର, କୁଳସଚିବ ରଞ୍ଜନ ପ୍ରଧାନ, ପିଜି ବିଭାଗ ଅଧ୍ୟକ୍ଷ କିଚକ ଚନ୍ଦ୍ର ଜେନା ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ବିଭିନ୍ନ ସ୍ତରରେ ପଦକ୍ଷେପକୁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ମନୋରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ଆଜିର ଦିନରେ ବିକ୍ରମଦେବ କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ୧ ହଜାର ଆସନ ବିଶିଷ୍ଟ ଅତ୍ୟାଧୁନିକ ଅଡିଟୋରିୟମ, କେମେଷ୍ଟ୍ରି ଲାବ୍, ଲାଇବ୍ରେରି ନିର୍ମାଣ ଚାଲିଛି । ନିକଟରେ ନୂତନ କ୍ୟାଣ୍ଟିନକୁ ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଥିଲେ। ନୂଆ କ୍ୟାମ୍ପସ ଲାଗି ରଣ୍ଡାପାଲ୍ଲିରେ ୭୨ ଏକର ଜମି ଚିହ୍ନଟ ହୋଇଛି । ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ଅବିଭକ୍ତ କୋରାପୁଟ ଜିଲାର ୫୨ଟି କଲେଜକୁ ଅନୁମତି ପ୍ରଦାନ କରାଯାଇଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରଥିଲେ।

# ସେମିଳିଗୁଡ଼ାରେ ଗାୟତ୍ରୀ ମହାଯଜ୍ଞ

ସେମିଳିଗୁଡ଼ା/ସୁନାବେଡ଼ା, ୨।୨
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡା ସତ୍ୟନଗର ପଡ଼ିଆଠାରେ ଗାୟତ୍ରୀ ପରିବାର ପକ୍ଷରୁ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଗୁରୁବାର ଆରମ୍ଭ ହୋଇଛି। ଏହି ଅବସରରେ ଗାୟତ୍ରୀ ପରିବାରର ମହିଳାମାନେ ଗଙ୍ଗା ମା ମନ୍ଦିର ନିକଟରୁ ୧୦୮ କଳସ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ପ୍ରଥମେ ରାମ ମନ୍ଦିର ଓ ପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପ୍ରତ୍ୟେକ ଘରେ ଗାୟତ୍ରୀ ପତାକା ଉତ୍ତୋଳନ ସହ ବରୁଣ ଆବାହନ କରାଯାଇଥିବା ଦେଖିବାକୁ ମିଳିଥିଲା। ୧୨ ସାଧୁଙ୍କ ଦ୍ୱାରା ମହାଯଜ୍ଞର ପରିଚାଳନା କରାଯାଇଥିଲା। ଏହି ଯଜ୍ଞ ରବିବାର ପୂର୍ଣ୍ଣାହୁତି ହେବ। ଯଜ୍ଞର ଦ୍ୱିତୀୟ ଦିନରେ ସାମୁହିକ ଜପ, ଧ୍ୟାନ, ଯୋଗ, ଯଜ୍ଞ, ସାମୁହିକ ବିବାହ ସଂସ୍କାର, ବ୍ରତ, ନାମକରଣ, ମୁଣ୍ଡନ, ବିଦ୍ୟାରମ୍ଭ କାର୍ଯ୍ୟକ୍ରମ ରହିଥିବା ବେଳେ ତୃତୀୟ ଦିନରେ ବିବିଧ ସଂସ୍କାର ସହ ଦେବ ଦମ୍ପତି ସମ୍ମିଳନୀ କରାଯାଇ ୨୪ ହଜାର ଦୀପ ପ୍ରଦାନ ବ୍ୟବସ୍ଥା ହୋଇଛି। ରବିବାର ପୂର୍ଣ୍ଣାହୁତି ସହ ହରିଦ୍ୱାରରୁ ଆସିଥିବା ସନ୍ଥ ମାନେ ବିଦାୟ ନେବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। କୋରାପୁଟ ଜିଲା ଗାୟତ୍ରୀ ପରିବାର ଓ ସେମିଳିଗୁଡ଼ା ଗାୟତ୍ରୀ ପରିବାର ମିଳିତ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହରିଦ୍ୱାର ଦେବ ସଂସ୍କୃତି ବିଶ୍ୱ ବିଦ୍ୟାଳୟ କୁଳାଧିପତି ଡ. ଚିନ୍ମୟ ପାଣ୍ଡ୍ୟା ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି।

# ଗିର୍ଲିଗୁମା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦଶମନ୍ତପୁର, ୨।୨ (ଅରବିନ୍ଦ ନାୟକ)



ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମା ପଞ୍ଚାୟତ ସ୍ଥିତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରାକାର ଖଟୁଆଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ଜାନି ମୁଖ୍ୟ ଅତିଥି, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ, ସରପଞ୍ଚ କେତକୀ ଜାନି, ସମିତିସଭ୍ୟ ଦୁଖୁ ବେନ୍ୟା, ସ୍କୁଲ ସଭାପତି, ଅକ୍ଷୟ ବାଘ,ସିଆର୍‌ସି, ରାଜୀବ ଲୋଚନ ହିଆଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ୩ଶହ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରମାମଣି ଖୋସଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ବ୍ୟବସାୟୀଙ୍କୁ ଆକ୍ରମଣକରି ଲୁଟି ନେଲେ ଟଙ୍କା

ଦଶମନ୍ତପୁର, ୨।୨ (ଅରବିନ୍ଦ ନାୟକ)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତରେ ଦିନ ଦ୍ୱିପ୍ରହରରେ ଟଙ୍କା ଲୁଟ୍ ହୋଇଛି। ୨ଜଣ ଫେରିବାଲାଙ୍କୁ ମରଣାନ୍ତକ ଆକ୍ରମଣକରି କେତେଜଣ ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ, ପଶ୍ଚିମବଙ୍ଗ ମାଲଡା ଜିଲା ଅନ୍ତର୍ଗତ ଶୁଭାପୁର ଗ୍ରାମରୁ ୧୦ ବର୍ଷ ତଳେ ଅବଦୁସ ସାଲାମ ଦଶମନ୍ତପୁର ବ୍ଲକ ଆସି ଏଠାରେ ରହି ଫେରିବାଲା ରୂପେ ବ୍ୟବସାୟକରି ଚଳୁଥିଲେ। ଗତ ୨୮ତାରିଖରେ ସେ ମୁର୍କାର ପଞ୍ଚାୟତକୁ ବ୍ୟବସାୟ କରିବା ପାଇଁ ଯାଇଥିଲେ। ବ୍ୟବସାୟ ସାରି ଫେରୁଥିବା ବେଳେ ବିରିଗୁଡା ଗ୍ରାମଠାରୁଠାରୁ ୫ଶହ ମିଟର ଦୂର ନିଛାଟିଆ ସ୍ଥାନରେ ହଠାତ୍ ଏକ ଧଳାରଙ୍ଗର କାର୍ ରଖି ସେଥିରୁ ୩ ଜଣ ଦୁର୍ବୃତ୍ତ ଓହ୍ଲାଇ ଅବଦୁସଙ୍କୁ ମାରଣାସ୍ତ୍ରରେ ଆକ୍ରମଣକରି ତାଙ୍କ ଶାର୍ଟ ପକେଟରୁ ମୋଟ ୩୦୦୦ ଟଙ୍କା ନେଇଯାଇଥିଲେ। ସେହିପରି ମୁର୍କାର ପଞ୍ଚାୟତ ଆଦିବାସୀ ସାହିରୁ ବ୍ୟବସାୟ ସାରି ଫେରୁଥିବା ଅବଦୁଲ କାଦିର ଶେଖଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ତାଙ୍କଠାରୁ ୩୫୦୦ ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଅବଦୁଲଙ୍କ ଘର ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲା ସାଗର ଦିଗି ବ୍ଲକ ଅନ୍ତର୍ଗତ ଗୋଡ଼ିପୁର ଗ୍ରାମରେ ବୋଲି ଜଣାପଡ଼ିଛି।

# ଚାଷୀ ଉତ୍ପାଦିତ ସାମଗ୍ରୀର ସଠିକ ମୂଲ୍ୟ ପାଇବା ଉପରେ ଗୁରୁତ୍ୱ

କୋରାପୁଟ, ୨।୨ (ଅମିତାଭ ବେହେରା)

### କ୍ରେତା ବିକ୍ରେତା ସମ୍ମିଳନୀ




କାର୍ଯ୍ୟକ୍ରମରେ ଉପସ୍ଥିତ କ୍ରେତା, ବିକ୍ରେତା ଓ ଅଧିକାରୀମାନେ।

କୋରାପୁଟସ୍ଥିତ ସଦଭାବନା ସଭାଗୃହର ମିନି କନଫରେନ୍ସ ହଲରେ ନିୟନ୍ତ୍ରିତ ବଜାର କମିଟି, ଓରମାସ ଓ ସନ ଫ୍ଲାଗ ଏଗ୍ରୋଟେକ୍‌ର ମିଳିତ ଆନୁକୂଲ୍ୟରେ କ୍ରେତା ବିକ୍ରେତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଆରଏମସି ସମ୍ପାଦକ ଅରୁଣ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଓଡିଶା ରାଜ୍ୟ କୃଷି ବିପଣନ ନୋଡାଲ ଅଧିକାରୀ କେଦରନାଥ ସ୍ୱାଇଁ,ଇ-ନାମ ରାଜ୍ୟ ସଂଯୋଜକ ପ୍ରସନଜିତ ଶାହା,ସନ ଫ୍ଲାଗ ଏଗ୍ରୋଟେକ୍‌ର ପରିଚାଳନା ନିର୍ଦ୍ଦେଶକ ରଜନୀଶ ୱୁପ୍ତି, ଇତିଶ୍ରୀ କାନୁନଗୋ ଏବଂ ଓରମାସର କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋଶନ କାର୍ତ୍ତିକ ପ୍ରମୁଖ ଯୋଗ ଦେଇ ଚାଷୀଙ୍କ ଉତ୍ପାଦନ ସାମଗ୍ରୀ କିପରି ଉଚିତ ମୂଲ୍ୟରେ ବିକ୍ରି ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି କୋରାପୁଟ ଜିଲାରୁ ଉତ୍ପାଦନ ହେଉଥିବା ହଳଦୀ, ଅଦା, କଫି, ଲେମନ ଗ୍ରାସ୍ ତେଲ ଇତ୍ୟାଦି ବିକ୍ରି କରା ଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନେକ ସମୟରେ ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ଉଚିତ ଦରରେ ବିକ୍ରି କରି ନ ପାରି କ୍ଷତି ସହୁଥିବାରୁ ଜିଲା ପ୍ରଶାସନ ଏବଂ ନିୟନ୍ତ୍ରିତ ବଜାର କମିଟି ଏପରି ନିଷ୍ପତ୍ତି ନେଇଥିବା ଆରଏମସି ସମ୍ପାଦକ ଜେନା ପ୍ରକାଶ କରିଥିଲେ। ଚାଷୀଙ୍କ ସୁରକ୍ଷା ପାଇଁ ଆରଏମସି-ଫାର୍ମର୍ସ ପ୍ରଡ୍ୟୁସରସ ଗ୍ରୁପ (ଏଫପିଓ) ଏବଂ ସନ ଫ୍ଲାଗ ଏଗ୍ରୋଟେକ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣା ହେବ ବୋଲି ଜେନା ସୂଚନା ଦେଇଥିଲେ। କୋରାପୁଟ ଜିଲା ପ୍ରଶାସନ ଓ ଆରଏମସିର ନିଷ୍ପତ୍ତିକୁ ସନ ଫ୍ଲାଗ ଏଗ୍ରୋଟେକ ପରିଚାଳନା ନିର୍ଦ୍ଦେଶକ ପ୍ରଶଂସା କରି ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ କମ୍ପାନୀ କୋରାପୁଟ ଜିଲ୍ଲାରୁ ୪୦୦ ଟନ ହଳଦୀ ଓ ୨୦୦ ଟନ ଅଦା କିଣିବ ବୋଲି ଘୋଷଣା କରିଥିଲେ। ଏହି ସମିଳନୀ ଶେଷରେ ୫ଟି ଏଫପିଓ ସହ ସନ ଫ୍ଲାଗ ଏଗ୍ରୋଟେକ ବୁଝାମଣା ପତ୍ର ଦସ୍ତଖତ କରିଥିବା ଡୁଡୁମା ଫାରମର୍ ପ୍ରଡ୍ୟୁସର କମ୍ପାନୀର ସିଇଓ ଗଙ୍ଗାଧର ଶିସା କହିଛନ୍ତି । ଆମ ଉତ୍ପାଦନ ବିକ୍ରି ପାଇଁ ଆମକୁ କ୍ରେତା ଖୋଜିବାକୁ ପଡୁଥିଲା କିନ୍ତୁ ଇ-ନାମ ଯୋଗୁଁ ତାହା ଅତି ସହଜ ହୋଇ ପାରିଛି ବୋଲି ସେ କହିଥିଲେ। ଏହି ସମିଳନୀରେ କୋରାପୁଟ ଆରଏମସିର ବରିଷ୍ଠ ସହାୟକ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

